ସକାଳ
THE SAKALA



www.sakalaepaper.com

# ମା' ଉକୁଳେଇଙ୍କ ପୀଠରେ ତ୍ରିବେଣୀ ଅମାବାସ୍ୟା

ଅସ୍ତରଙ୍ଗ,୧୮।୧(ସମିସ): ପବିତ୍ର ମାଘ ମାସ ତ୍ରିବେଣୀ ଅମାବାସ୍ୟାରେ ଅସ୍ତରଙ୍ଗର ପ୍ରସିଦ୍ଧ ଶକ୍ତିପୀଠରେ ମହୋତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବ ରାତିରେ ଭକ୍ତମାନେ ନିଜ ନିଜ ଇଚ୍ଛା ପୂରଣ ନିମନ୍ତେ କଳସ ସ୍ଥାପନ କରିଥିଲେ। ମାନ୍ୟତା ଅଛି ଏହି ଦେବୀଙ୍କ ନିକଟରେ ଥିବା ତ୍ରିବେଣୀ ପୁଷ୍କରିଣୀରେ ସ୍ନାନ କରିବା ପରେ ଦେବୀ ସ୍ନାନ ପାଦୁକ ପାଇ, ସମର୍ପଣ ଧୂପ ବାସ୍ନାକୁ ରୋଗୀ ପାଇଲେ ଜ୍ୱର ରୋଗରୁ ସୁସ୍ଥ ହୋଇଥା'ନ୍ତି। ଏହି ଦିନରେ ଦେବୀ ଉକୁଳେଇଙ୍କ ଜନ୍ମଦିନ ରୂପେ ପାଳନ କରାଯାଏ। ମା' ଆଜିର ଦିନରେ ତ୍ରିବେଣୀ ପୁଷ୍କରିଣୀରେ ନିଜେ ଆସି ଚାପ ଖେଳିବା ପରେ ଉକ୍ତ ପୁଷ୍କରିଣୀ ଜଳ ଔଷଧ ରୂପେ କାର୍ଯ୍ୟ କରେ ବୋଲି ଆଧ୍ୟାତ୍ମିକ ମତ ରହିଛି। ରବିବାର ରାତି ୨ଟାରୁ ଦ୍ୱାର ଫିଟା ହୋଇ ସକାଳୁ ମା'ଙ୍କର ମଙ୍ଗଳ ଆଳତି, ସ୍ନାନ, ମାର୍ଜଣା ହେବା ପରେ ମା'ଙ୍କୁ ଷୋଡ଼ଶ ଉପଚାର ପୂଜାରେ ବୈଦିକ ବ୍ରାହ୍ମଣ ପୂଜା କରିଛନ୍ତି। ସୂର୍ଯ୍ୟପୂଜା, ବରୁଣ ପୂଜା, ନବଗ୍ରହ ପୂଜା, ସବୁ ସରିବା ପରେ ଯଜ୍ଞ କୁଣ୍ଡରେ ବ୍ରାହ୍ମଣମାନଙ୍କ ଦ୍ୱାରା ଘୃତାହୁତି ଦିଆଯାଇଛି। ଜିଉନ୍ତି ଗ୍ରାମର ମଙ୍ଗୁଳି ଚରଣ ମହାନ୍ତି ମୁଖ୍ୟ ପୂଜକଭାବେ ନିଷ୍ଠାପର ହୋଇ ପରିଚାଳନା କରିଛନ୍ତି। ସ୍ଥାନୀୟ ସିଦ୍ଧେଶ୍ୱର ଯୁବ କ୍ଲବ୍‌ର ସଦସ୍ୟମାନେ ଏହି ଅନୁଷ୍ଠାନ ସହିତ ଜଡ଼ିତ ହୋଇ ସମସ୍ତ କାର୍ଯ୍ୟକୁ ସମାପନ କରିଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଶ୍ରୀବିଗ୍ରହ ପ୍ରତିଷ୍ଠା

କୁଣ୍ଢେଇ,୧୮।୧(ସମିସ): କାକଟପୁର ତହସିଲ୍ ପଡ଼ିଆ ପରିସରରେ ରବିବାର ପରମ ପ୍ରେମମୟ ଠାକୁର ଅନୁକୂଳଚନ୍ଦ୍ରଙ୍କ ନବମ ବାର୍ଷିକ ଶ୍ରୀବିଗ୍ରହ ପ୍ରତିଷ୍ଠା ସ୍ମୃତି ମହୋତ୍ସବ କାକଟପୁର ସତ୍‌ସଙ୍ଗ ବିହାର ପକ୍ଷରୁ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଭୋର୍ ସମୟରେ ସତ୍‌ସଙ୍ଗ ବିହାର ପରିସରରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ୍, ଉଷା କୀର୍ତ୍ତନ, ସମବେତ ଉଷା ବିନତି, ନାମଜପ ସଦ୍‌ଗ୍ରନ୍ଥ ପାଠ ସହିତ ଦିବସବ୍ୟାପୀ ଦିକ୍ଷା ଓ ଦିକ୍ଷାପାତ୍ର କାର୍ଯ୍ୟକ୍ରମ ହୋଇଥିଲା। ମାତୃ ସମ୍ମିଳନୀ, ସାଧାରଣ ସଭା, ନଗର କୀର୍ତ୍ତନ, ନାମଜପ, ଗ୍ରନ୍ଥପାଠ ଉତ୍ସବ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋକୁ ଏକ ସୁସଜ୍ଜିତ ରଥରେ ବଜାର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଶହଶହ ଅନୁଗାମୀ ଓ ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ଭକ୍ତ ସାମିଲ୍ ହୋଇଥିଲେ। ଏହି ପବିତ୍ର ମହୋତ୍ସବରେ ବହୁ ଭକ୍ତ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟଜୀବନ ସମ୍ପର୍କରେ ବହୁ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ। ଯୁଗ ପରିବର୍ତ୍ତନ ଓ ସମାଜକୁ ଶୃଙ୍ଖଳିତ କରିବା କ୍ଷେତ୍ରରେ ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ମହତ୍ ବାଣୀ ଓ ସତ୍‌ସଙ୍ଗ ବିଶେଷ ଗୁରୁତ୍ୱ ବହନ କରେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ସବ କମିଟି ସଭାପତି (ନାମ ସହିତ ଅନ୍ୟମାନଙ୍କ ନାମ) ପ୍ରମୁଖ ଯୋଗଦେଇଥିଲେ।

# ବୋଲେରୋ-କାର୍ ମୁହାଁମୁହିଁ ଧକ୍କା; ୨ ଗୁରୁତର

ଚାରିଛକ,୧୮।୧(ସମିସ): ଚାରିଛକ-କାକଟପୁର ମୁଖ୍ୟ ରାସ୍ତାର ତୁଳସୀପୁର ଛକ ନିକଟ ହାଣ୍ଡିଆପଡ଼ାଠାରେ ରବିବାର ସନ୍ଧ୍ୟାରେ ଏକ ବୋଲେରୋ ସହ ଏକ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଚାରିଛକ ପଟୁ ଯାଉଥିବା ବୋଲେରୋ ସହ ବିପରୀତ ପଟୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଏତେ ଜୋର୍ ଶବ୍ଦ ହୋଇଥିଲା ଯେ, ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଦୁର୍ଘଟଣାରେ କାର୍‌ରେ ଥିବା ଭୁବନେଶ୍ୱରର ସୁନ୍ଦରପଦା ଅଞ୍ଚଳର ଶୁଭଶ୍ରୀ ପାଣି, ପୁଷ୍ପଲତା ତ୍ରିପାଠୀ, ସୁରେନ୍ଦ୍ରନାଥ ତ୍ରିପାଠୀ ଆହତ ହୋଇଥିବାବେଳେ, ବୋଲେରୋ ଚାଳକ ଭଞ୍ଜନଗର ଅଞ୍ଚଳର ଆୟୁଷ ବେହେରା (୧୧) ଗୁରୁତର ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାସ୍ଥଳରେ ଚାରିଛକ ଥାନା ପୁଲିସ ଓ ସ୍ଥାନୀୟ ଲୋକମାନେ ପହଞ୍ଚି ଉଭୟ ଗାଡ଼ିର ଚାଳକ ଓ ସେଥିରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି।

# ୮ ଦିନରେ ଉଠିଲା ପିଚୁ; ରାସ୍ତା କାମ ବନ୍ଦ

ନୟାହାଟ,୧୮।୧(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଟିଟିଙ୍ଗାପଡ଼ାଠାରୁ କଣ୍ଟିଲୋ ରାସ୍ତାର ନିମ୍ନମାନର କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଗ୍ରାମବାସୀମାନେ ଉକ୍ତ କାର୍ଯ୍ୟକୁ ବନ୍ଦ



ରଖିଛନ୍ତି। ପ୍ରକାଶ ଯେ, ଠିକାଦାର ନିମ୍ନମାନର ପୁରୁଣା ପିଚୁ, ବଜ୍ରୁରୀରେ ଭାଜି ରାସ୍ତା କାର୍ଯ୍ୟରେ ଲଗାଇବା ଫଳରେ କାମ ହେବାର ୮ ଦିନ ମଧ୍ୟରେ ପିଚୁ, ବଜ୍ରୁରୀ ଉଠିଯାଇଛି। ଫଳରେ ସାଧାରଣରେ ଯାତାୟାତ ଘୋର୍ ଅସୁବିଧା ହେଉଛି। ଠିକାଦାର ମନମୁଖୀ କାର୍ଯ୍ୟ କରିବା ଫଳରେ ସରକାରୀ ଅର୍ଥକୁ ତୋଷରପାତ କରିବା ପୂର୍ବରୁ ଟିଟିଙ୍ଗାପଡ଼ା ବେଲବାରୀ-କଣ୍ଟିଲୋ ଗ୍ରାମବାସୀ କାର୍ଯ୍ୟକୁ ବନ୍ଦ କରିବା ଦ୍ୱାରା ସରକାରୀ ଅର୍ଥ ତୋଷରପାତ ହୋଇପାରି ନାହିଁ। ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶତାୟୁ ସମାଜସେବୀଙ୍କ ପରଲୋକ

 କଣାସ,୧୮।୧(ସମିସ): କଣାସ ବ୍ଲକ୍ କାଦୁଆ ପଞ୍ଚାୟତ ଭାଟପଡ଼ା ଗ୍ରାମର କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁଙ୍କ ବାପା ଶତାୟୁ ସମାଜସେବୀ ଅଇଁଠି ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା। ସେ ଜଣେ ସମାଜସେବୀ, ପରୋପକାରୀ, ଦରଦୀ, ସଂସ୍କାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ



ଖବର ପ୍ରଚାରିତ ହେବା ପରେ ପଞ୍ଚାୟତର ବରିଷ୍ଠ ଓ ବୁଦ୍ଧିଜୀବୀମାନେ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡ଼ପୁଅ ନବ କିଶୋର ସ୍ୱାଇଁ ମୁଖାଗ୍ନି ଦେଇଥିବାବେଳେ ମଝିଆଁ ପୁଅ କୃଷ୍ଣଚନ୍ଦ୍ର ସ୍ୱାଇଁ, ସାନ ପୁଅ ଦୁଃଶାସନ ସ୍ୱାଇଁଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଠାକୁର ଶ୍ରୀଅଭିରାମ ପରମହଂସଙ୍କ ୧୨୩ତମ ଜନ୍ମୋତ୍ସବ

କଣାସ,୧୮।୧(ସମିସ)





## ଶୃଙ୍ଖଳିତ ଦର୍ଶନ କଲେ ଲକ୍ଷ ଲକ୍ଷ ଭକ୍ତ

କେବଳ ପୁରୀ ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ କରମଳା ମାଘମେଳାର ପରିଚୟ ରହିଛି। ମାଘ ମାସ ତ୍ରିବେଣୀ ଅମାବାସ୍ୟା ତିଥିରେ ଠାକୁର ଶ୍ରୀଶ୍ରୀଅଭିରାମ ପରମହଂସଙ୍କ ଜନ୍ମତିଥି ଉପଲକ୍ଷେ ଏହି ମେଳା ୪ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଲୁଣା ନଦୀ କୂଳରେ ଅବସ୍ଥିତ କରମଳା ଆନନ୍ଦ ଆଶ୍ରମ ଶାନ୍ତିଧାମରେ ଏହି ମାଘମେଳା ଅବସରରେ ପ୍ରବଳ ଜନସମାଗମ ହୋଇଥାଏ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଅଭିରାମପ୍ରେମୀ ଭକ୍ତଙ୍କ ଭିଡ଼ ଜମେ। ନିଜର ଇଷ୍ଟ ବିଗ୍ରହ ଠାକୁର ଅଭିରାମ ପରମହଂସଙ୍କ ୧୨୩ତମ ଜନ୍ମୋତ୍ସବରେ ସାମିଲ୍ ହେବା ପାଇଁ ବହୁ ସଂଖ୍ୟାରେ ଲୋକେ ତ୍ରିବେଣୀ ଅମାବାସ୍ୟା ଦିନ କରମଳା ଶାନ୍ତିଧାମ ଆଶ୍ରମରେ ପହଞ୍ଚିଛନ୍ତି। ଚଳିତ ବର୍ଷ ଏହି ପ୍ରସିଦ୍ଧ ମାଘମେଳା ଗତ ୧୬ ତାରିଖରୁ ଆଚାର୍ଯ୍ୟ ବଳରାଦ ଦାସ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ତ୍ରିବେଣୀ ଅମାବାସ୍ୟା ତିଥିରେ ରାତି ୩ଟା ୪୫ରେ ମୁଖ୍ୟ ମନ୍ଦିରର ପହଡ଼ ଖୋଲାଯାଇ ମଙ୍ଗଳ ଆଳତି, ବେଶ ଉଲାଗି, ସ୍ନାନ ନୀତି ପରେ ଷୋଡ଼ଶ ଉପଚାର ପୂଜା ହୋଇଥିଲା। ସକାଳ ୮ଟାରେ ଠାକୁରଙ୍କ ନିକଟରେ ଅବଢ଼ା ନୀତି ଆରମ୍ଭ ହୋଇଥିଲା। ଏହି ସମୟରେ ଦଣ୍ଡଛତ୍ର ଧାରଣ କରି ସନ୍ନ୍ୟାସୀମାନେ ଆଗରେ ଆସିଥିଲେ। ଜଣେ ସନ୍ନ୍ୟାସୀ କାନ୍ଧରେ ହୁଦା ପକାଇ ମାର୍ଗ ପରିଷ୍କାର କରିବା ପରେ ଅନ୍ୟ ସନ୍ନ୍ୟାସୀମାନେ ମୁହଁରେ ବାଘମୁଖୀ ତୁଣ୍ଡି ଭିଡ଼ି ଅବଢ଼ା କୋଡୁଆମାନ ଠାକୁରଙ୍କ ମନ୍ଦିରକୁ ରୋଷ ଘରୁ ବୋହି ଆଣିଥିଲେ। ଏହି ସମୟରେ ଟମକ, ମହୁରୀ, ବଡ଼କାଠ ବାଜା ବାଜିବା ସହିତ ହରିବୋଲ, ହୁଳହୁଳିରେ ଅବଢ଼ା ଲାଗି କରାଯାଇଥିଲା।

ଠାକୁର ଶ୍ରୀଅଭିରାମଙ୍କ ସମାଧୀ ମନ୍ଦିରରେ ଭକ୍ତମାନେ ଫୁଲତୁଳସୀ, ପାଟବସ୍ତ୍ର ସମର୍ପଣ କରୁଥିବାବେଳେ ଆଶ୍ରମ ତରଫରୁ ବିଭିନ୍ନ ବେଶ ଓ ପୂଜାନୀତି ସୁନ୍ଦର ଭାବରେ ସମ୍ପନ୍ନ ହୋଇଥିଲା। ଏହା ସହିତ ଠାକୁରଙ୍କ ମୁଖ୍ୟ ମନ୍ଦିର ଧ୍ୱଜା ବନ୍ଧା ଯିବା ପରେ ମୁଖ୍ୟ ମନ୍ଦିରରେ ପୂଜିତ ଠାକୁର ଅଭିରାମଙ୍କୁ ପାଟବସ୍ତ୍ର, ଫୁଲହାର, ତୁଳସୀ ଦୟଣା ଭୂଷଣ କରାଯାଇ ସୁନାରୁପାରେ କିରଟି ଓ ସୁନାବଂଶୀ ଅର୍ପଣ କରାଯାଇଥିଲା। ମନ୍ଦିର ପରିସର ଓ ବାହାର ଫୁଲରେ ସୁସଜ୍ଜିତ କରାଯାଇଥିଲା। ଭକ୍ତମାନେ ଧାଡ଼ିରେ ରହି ଠାକୁରଙ୍କ ଦର୍ଶନ କରିଥିଲେ। ଠାକୁରଙ୍କ ଜନ୍ମୋତ୍ସବ ଅବସରରେ ସ୍ନାନ ମଣ୍ଡପରେ ଦିନ ୧୦ଟା ୧୫ରେ ଶ୍ରୀଅଭିରାମଙ୍କ ରୌପ୍ୟ ପ୍ରତିମାକୁ ପଟୁଆରରେ ନିଆଯାଇ ୧ହଜାର କୁମ୍ଭ ଜଳ, ଘିଅ, ଦହି, ତୀର୍ଥ ଜଳରେ ସ୍ନାନ କରାଯାଇଥିଲା। ଏଥିରେ ରାଜ୍ୟ ତଥା ବାହାର ରାଜ୍ୟର ବହୁ ସାଧୁସନ୍ଥ ଯୋଗଦେଇଥିଲେ। ୭ଦିନ ଧରି ଭାଗବତ ପରାୟଣ ଯଜ୍ଞ ମଣ୍ଡପରେ ଯଜ୍ଞ, ଦୁର୍ଗାମାଧବ ଛତାରେ ଅଷ୍ଟପ୍ରହର ନାମସଂକୀର୍ତ୍ତନ, ପୂର୍ଣ୍ଣମାସୀ ମନ୍ଦିରରେ ପୂଜାନୀତି ସନ୍ନ୍ୟାସୀମାନଙ୍କ ଦ୍ୱାରା ଜାରି ରହିଛି। ସୂଚନା ଥାଉକି, ଠାକୁର ଶ୍ରୀଅଭିରାମ ପରମହଂସ ଜଣେ ପ୍ରସିଦ୍ଧ କବି ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ।

## ତ୍ରିବେଣୀରେ ବୁଡ଼ ପକାଇଲେ ଶତାଧିକ ଶ୍ରଦ୍ଧାଳୁ

ଗୋପ: ପବିତ୍ର ମାଘ ମାସ ତ୍ରିବେଣୀ ଅମାବାସ୍ୟା ଅବସରରେ ଗୋପ ବ୍ଲକ୍ ଅଧୀନ ବେଦପୁର ପଞ୍ଚାୟତସ୍ଥିତ ତିନିତିଅର ତ୍ରିବେଣୀଠାରେ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତ୍ରିବେଣୀରେ ବୁଡ଼ ପକାଇଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ଗୋପାଳଜୀଉ ତ୍ରିବେଣୀ ପୀଠରେ ବୁଡ଼ ପକାଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସେହିପରି କୈବର୍ତ୍ତ ମହାସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଜାଗର ଯାତ୍ରା ଲାଗି କିଭଳି ପ୍ରସ୍ତୁତି କରାଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ତ୍ରିବେଣୀ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସରକାରୀ ଜନତା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ନିମାପଡ଼ା,୧୮।୧(ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଗୁହାଳପଡ଼ାଠାରେ ଥିବା ସରକାରୀ ଜନତା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠାତା ବିଶିଷ୍ଟ ସାମ୍ୟବାଦୀ ନେତା ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ୨୨ତମ ସ୍ମୃତି ସମାରୋହ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଲିଙ୍ଗରାଜ ଫାଉଣ୍ଡେସନର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନୀଲ କୁମାର ବିଶ୍ୱାଳ, ବିଶିଷ୍ଟ ଅତିଥିଭାବେ ସିପିଆଇ ନେତା ଦେବେନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ମାଧବ ଚନ୍ଦ୍ର ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଶିକ୍ଷାବିତ୍ ଡ. ରବୀନ୍ଦ୍ର ନାଥ ପାଢ଼ୀ, ଅଧ୍ୟାପିକା ପୁଷ୍ପଲତା ନାୟକ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଗଙ୍ଗାଧର ପତି, ପୂର୍ବତନ ସହମଣ୍ଡଳ ଶିକ୍ଷାଧିକାରୀ ସୀମାନ୍ତ ଶେଖର ରଥ, ଫାଉଣ୍ଡେସନର ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଗୋପିନାଥପାଟଣା ସାଧନା କେନ୍ଦ୍ର ସଂଯୋଜକ ଲକ୍ଷ୍ମୀଧର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ନାୟକ, ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ଲେଙ୍କା ପ୍ରମୁଖ ଯୋଗଦେଇ ବିଶିଷ୍ଟ ସାମ୍ୟବାଦୀ ନେତା ସ୍ୱର୍ଗତ ଦାଶଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ଣରେ ନିମାପଡ଼ା ଏନ୍‌ଏସି ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ଲିଙ୍ଗରାଜ ଦାଶ ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ସୁପୁତ୍ର ତଥା ଉପନଗରପାଳ ସନ୍ତୋଷ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

• ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଜଟଣୀ ବିଜୟୀ




ସାକ୍ଷୀଗୋପାଳ,୧୮।୧(ସମିସ): ସ୍ଥାନୀୟ ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ପଞ୍ଚସଖା ମେମୋରିଆଲ କ୍ଲବ୍ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡ଼ିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଜଟଣୀ କ୍ରିକେଟ ଆସୋସିଏସନ୍ ଓ ଗୋପ ଗୋପାଳଜୀଉ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଜଟଣୀ ବିଜୟୀ ହୋଇଛି। ଟସ୍ ଜିତି ଜଟଣୀ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ଏମ୍‌କେ ଜାକୀର ବକ୍ସଙ୍କ ୭୦ ରନ୍ ସହାୟତାରେ ୨୩୬ ରନ୍ ସଂଗ୍ରହ କରିଥିଲା। ଗୋପ ଦଳର ବୋଲର ପତିତପାବନ ଶତପଥି ଓ ମନୋଜ ବାରିକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୩୭ ରନ୍‌ର ପିଛା କରି ଗୋପ କ୍ରିକେଟ୍ କ୍ଲବ୍ ଆର୍ଯ୍ୟାନ୍ ଶର୍ମାଙ୍କ ଆକର୍ଷଣୀୟ ୯୨ ରନ୍ ଓ ଚିନ୍ମୟଙ୍କ ୪୨ ରନ୍ ସହାୟତା ୨୩୨ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇ ମାତ୍ର ୪ ରନ୍‌ରେ ପରାସ୍ତ ହୋଇଥିଲେ। ଜଟଣୀର ରାକେଶ ବେଉରିଆ ୪୬ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌କୁ ସତ୍ୟସାଗର ଦାଶ ଓ ପ୍ରଶାନ୍ତ ଶତପଥୀ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୁରୀର ପୂର୍ବତନ କ୍ରିକେଟ ଖେଳାଳି ସମାଜସେବୀ ତଥା ଶିଳ୍ପପତି ମାଧବ ଚନ୍ଦ୍ର ଖୁଣ୍ଟିଆ ଓ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତରାୟ ତଥା ଜୟପୁର ସମିତିସଭ୍ୟ ଦୀପକ ଶତପଥୀ ଯୋଗଦେଇଥିଲେ। ଶେଷରେ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ପୁତ୍ର ସମ୍ବିତ୍ ପଟ୍ଟନାୟକ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରାକେଶ ବେଉରିଆଙ୍କୁ ପୁରସ୍କୃତ କରିଥିଲେ।

# ପିପିଲି ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

ପିପିଲି,୧୮।୧(ସମିସ): ପିପିଲି ନଗରର ସ୍ଥାନୀୟ ସଙ୍କଟ ମୋଚନ ମନ୍ଦିର ପରିସରରେ ପିପିଲିରେ ପ୍ରଥମ ଥର ପାଇଁ ଏକ ପୁସ୍ତକ ମେଳା ଆୟୋଜନ କରିବାକୁ ଆଲୋଚନା କରାଯାଇଥିଲା। ଆବାହକ ଅର୍ଜୁନ ଘଡ଼େଇ ବୈଠକରେ ପିପିଲିରେ ପ୍ରଥମ ଥର ପୁସ୍ତକ ମେଳା ଆୟୋଜନ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିବା ପରେ ସମସ୍ତ ସଭ୍ୟସଭ୍ୟା ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ବୈଠକର ଆଲୋଚନା ଓ ନିଷ୍ପତ୍ତି ଅନୁଯାୟୀ, ପ୍ରଥମ କରି ସ୍ଥାନୀୟ ଜାଗୃତି ମହୋତ୍ସବ କମିଟି ସହ ମିଳିତ ଭାବେ ଚଳିତ ବର୍ଷ ପୁସ୍ତକ ମେଳା ଆୟୋଜନ କରାଯିବ। ଆଗାମୀ ମାର୍ଚ୍ଚ ୧୯, ୨୦, ୨୧ ଜାଗୃତି ମହୋତ୍ସବର ତିନି ଦିନରେ ପୁସ୍ତକ ମେଳା ଚାଲୁ ରହି ୨୨ ତାରିଖରେ ମେଳାର ଉଦ୍‌ଯାପନୀ ବିଶେଷ କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଏକ କାର୍ଯ୍ୟକାରୀ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ସଭାପତି ଭାବେ ଭିକାରୀ ଚରଣ ଧଳ, ଉପସଭାପତି ସନାତନ ଆଚାର୍ଯ୍ୟ, ସମ୍ପାଦକ ଅର୍ଜୁନ ଘଡ଼େଇ, ସହସମ୍ପାଦକ ନରେନ୍ଦ୍ର ମୁଦୁଲି, କୋଷାଧ୍ୟକ୍ଷ ବୈଜୟନ୍ତୀ ସାହୁ, ଉପ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଦାସ ଓ ସଂଯୋଜକ ଭାବେ ପ୍ରଭାତ ମହାପାତ୍ର ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ମଧ୍ୟ କେତେକ ସକ୍ରିୟ ସଭ୍ୟଙ୍କୁ ଗ୍ରହଣ କରାଯାଇଛି। ଏହାସହିତ ସ୍ଥାନୀୟ ନେତୃତ୍ୱ, ସାହିତ୍ୟିକ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ସାମ୍ବାଦିକ, ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଏକ ଉପଦେଷ୍ଟା କମିଟି ମଧ୍ୟ ଗଠନ କରାଯାଇଛି। ଆଗାମୀ ଦିନରେ ପୁସ୍ତକ ମେଳାର ସଫଳତା ପାଇଁ ପିପିଲି ଅଞ୍ଚଳର ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏହି ପୁସ୍ତକ ମେଳାରେ ସାହିତ୍ୟଭିତ୍ତିକ ପ୍ରତିଯୋଗିତା, କବି ସମ୍ମେଳନ ଓ ସାହିତ୍ୟ ଆଲୋଚନା ଇତ୍ୟାଦି କାର୍ଯ୍ୟକ୍ରମ ରୂପରେଖ ରହିବ।

# କୃଷ୍ଣପ୍ରସାଦରେ ଦୋଳଯାତ୍ରା ମହୋତ୍ସବ ପ୍ରସ୍ତୁତି

କୃଷ୍ଣପ୍ରସାଦ,୧୮।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍‌ର ଐତିହାସିକ ଦୋଳ ଯାତ୍ରା ମହୋତ୍ସବ କୃଷ୍ଣପ୍ରସାଦ ଗଡ଼ଠାରେ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଉତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଆଲୋଚନା ହୋଇଥିଲା। ପାଞ୍ଚ ମୌଜା ପରିଚାଳନା କମିଟି, କୃଷ୍ଣପ୍ରସାଦ ଗଡ଼ ସହଯୋଗରେ ଆୟୋଜିତ ବୈଠକରେ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଦେବାଳୟର ପୂଜକ, କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ମତାମତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ବିଜୟ ଚନ୍ଦ୍ର ଜେନା, ହରମୋହନ ମାନସିଂହ, ବିଭୁ ନାରାୟଣ ଜେନା, ପ୍ରମୋଦ ପରିଡ଼ା ସମେତ ପାଞ୍ଚ ମୌଜା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉତ୍ସର୍ଗ ପରିବାର ପକ୍ଷରୁ ୫୩ ୟୁନିଟ୍ ରକ୍ତ ସଂଗ୍ରହ

ଗୋପ,୧୮।୧(ସମିସ): ଗୋପ ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାର ପକ୍ଷରୁ ବାୟାକୁଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ସେନାପତି, ସାହିଭାଇ ଅନୁଷ୍ଠାନ ସଭାପତି ବ୍ରଜବନ୍ଧୁ ମହାରଣା, ଉତ୍ସର୍ଗ ପରିବାର ସଭାପତି ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ସେନାପତି, ଅବସରପ୍ରାପ୍ତ



ମଣ୍ଡଳ ଶିକ୍ଷା ଅଧିକାରୀ କବିବର ପ୍ରଧାନ, ସମାଜସେବୀ ପ୍ରତାପ ପରିଡ଼ା, ସୁଶାନ୍ତ ନାୟକ, ମନ୍ଦୀପ ପାଇକରାୟ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ମୋଟ୍ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉତ୍ସର୍ଗ ପରିବାର ସଦସ୍ୟ ବିରଞ୍ଜନ ପ୍ରଧାନ, ଚନ୍ଦନ ଭୋଇ, ପ୍ରଭୁଜିତ୍ ସେନାପତି, ଜଗବନ୍ଧୁ ବାରିକ, ସତ୍ୟଜିତ୍ ପ୍ରଧାନ, ଚିଣ୍ଟୁ ଭୋଇ, ତ୍ରିନାଥ ମଲ୍ଲିକ, ସୁକାନ୍ତ ପ୍ରଧାନ, ଆକାଶ ଭୋଇ, ଅଜୟ ଭୋଇ, ଅଭିରାମ ସାହୁ, ଭାଗିରଥି ପ୍ରଧାନ, ନରେଶ ବେହେରା, ଅମୂଲ୍ୟ ପ୍ରଧାନ, ତୃପ୍ତିରଞ୍ଜନ ପ୍ରଧାନ, ବାପୁନି ଭୋଇ, ଜୀବନ ବେହେରା, ସୂର୍ଯ୍ୟଭାନୁ ପ୍ରଧାନ, ପ୍ରଭାକର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସର୍ଗ ପରିବାରର ପ୍ରତିଷ୍ଠାତା ସମ୍ପାଦକ ପ୍ରକୃତିବନ୍ଧୁ ବିଷ୍ଣୁ ମୋହନ ପ୍ରଧାନ ଉପସ୍ଥିତ ଥିବାବେଳେ ପୁରୀ ଜିଲ୍ଲା ରକ୍ତ ଭଣ୍ଡାରର ଏକ ଟିମ୍ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

# ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ଚାରିଛକ,୧୮।୧(ସମିସ): ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିମାପଡ଼ା ଅଗ୍ନିଶମ ବିଭାଗ ତରଫରୁ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବିଭାଗ ଅଧିକାରୀ ସରୋଜକାନ୍ତ ସାହୁଙ୍କ ସମେତ ସହକର୍ମୀମାନେ ଯୋଗଦେଇ ନିଆଁକୁ କିଭଳି ଆୟତ କରାଯାଇପାରିବ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ମକ୍‌ଡ୍ରିଲ ଜରିଆରେ ଦେଖାଇଥିଲେ। ନିଆଁଠାରୁ କିପରି ସୁରକ୍ଷିତ ରହିବା ଏବଂ କିପରି ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ସେ ସମ୍ପର୍କରେ ବୁଝାଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିନନ୍ଦନ ମହାପାତ୍ର, ଫାର୍ମାସିଷ୍ଟ ପ୍ରଣତି ନନ୍ଦ, ନର୍ସ କଳ୍ପନା ମିଶ୍ର, ରଶ୍ମିତା ଦାଶ, ପୁଷ୍ପଲତା ଭୋଇ, କଳ୍ପନା ମାର୍ଥା, ଶୁଭସ୍ମିତା ସାହୁ, କର୍ମଚାରୀ ଦୀପକ ଗୋଛାୟତ, ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରା ବାଲି ଘାଟରେ ଉପଜିଲ୍ଲାପାଳଙ୍କ ଚଢ଼ଉ

ପିପିଲି,୧୮।୧(ସମିସ)



## ଗଦା ଗଦା ଚୋରା ବାଲି ଜବତ

ପିପିଲି ଅଞ୍ଚଳରେ ଚୋରା ବାଲି ଚାଲାଣ ଜୋର୍‌ଦାର୍ ହେଉଥିବାର ବାରମ୍ବାର ଅଭିଯୋଗ ହେବା ପରେ ପୁରୀ ଜିଲ୍ଲା ପ୍ରଶାସନ ଏଥିପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଆରମ୍ଭ କରିଛି। ଜାତୀୟ ରାଜପଥରେ ଓଭରଲୋଡିଂରେ ହାଇୱାକୁ ଜବତ କରି ତାହାକୁ ପୁଲିସ ଜିମା ଦେଇଥିବାବେଳେ ଗାଡ଼ି ମାଲିକମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଉଛି। ପ୍ରଶାସନକୁ ଅଙ୍ଗୁଳି ଦେଖାଇ ରାତି ୧୨ଟାରୁ ଭୋର୍ ୫ଟା ପର୍ଯ୍ୟନ୍ତ ଚୋରା ବାଲିଘାଟକୁ ବାଲି ମାଫିଆମାନେ ଚଳାଉଥିଲେ। ତେବେ ଏହା ଉପରେ ପ୍ରତିବନ୍ଧକ ଲାଗିବା ପରେ ଏବେ ବାଲି ମାଫିଆମାନେ ଶହଶହ ଟ୍ରିପ୍ ବାଲିକୁ ନଦୀରୁ ଉଠାଇ ପଠାରେ ନିରାପଦ ସ୍ଥାନରେ ଏପରିକି ସରକାରୀ ଏବଂ ବେସରକାରୀ ସ୍ଥାନରେ ପାହାଡ଼ ଭଳି ଗଦା କରିଛନ୍ତି। ଖବର ପାଇ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଉପଜିଲ୍ଲାପାଳ ପିପିଲି ଗସ୍ତ କରି ଚୋରା ବାଲି ଡିପୋ ଉପରେ ଚଢ଼ଉ କରିଥିଲେ।

ପ୍ରଥମେ ନୂଆଶାସନ ଗ୍ରାମକୁ ଯାଇଥିଲେ। ସ୍କୁଲ ପାଖ ଏବଂ ଗ୍ରାମର ପ୍ରବେଶ ପଥ ପୋଖରୀ ପାଖରେ ଥିବା ପାଣି ଟାଙ୍କି ପାଖରେ ଗଦା ହୋଇଥିବା ବାଲିର ମାଲିକାନା କିଏ ବୋଲି ପଚାରିଥିଲେ। ତେବେ ଏହାର ମାଲିକାନା ବା ଦାବିଦାର କେହି ନ ଥିବାବେଳେ ଏହାକୁ ଜବତ କରିଥିଲେ। ପରେ ଖବର ପାଇଥିଲେ ଏକ ଫାର୍ମର ଶେଷ ଭାଗରେ ପାହାଡ଼ ଭଳି ବାଲି ଗଦା ହୋଇଛି। ପୁଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ବାଲି ଗଦାକୁ ଦେଖି ତାଜୁବ୍ ହୋଇଯାଇଥିଲେ। ଏତେ ପରିମାଣର ବାଲି ପୁଣି ଏଭଳି ଏକ ନିକାଞ୍ଚନ ସ୍ଥାନରେ ରହିଥିବାବେଳେ ଏହା କିଭଳି ଆସିଲା ବୋଲି ପଚାରିଥିଲେ। ସେଠାରେ କିଛି ଯୁବକ ଏହା ଦିଗମ୍ବର ସ୍ୱାଇଁ ନାମକ ଜନୈକ ଠିକାଦାରଙ୍କର ବୋଲି କହିଥିଲେ। ଏହାକୁ ନେଇ ଉପଜିଲ୍ଲାପାଳ ରାଜ କିଶୋର ଜେନାଙ୍କୁ ଜଣେ ଯୁବକ ଗାଳିମନ୍ଦ କରିଥିଲେ। ଉକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିପିଲି ପୁଲିସକୁ କହିବା ସହିତ ପୁଲିସ ଉକ୍ତ ଯୁବକକୁ ପିପିଲି ଥାନାରେ ଅଟକ ରଖିଛି। ଏହାପରେ ଉପଜିଲ୍ଲାପାଳ ରାଜ କିଶୋର ଜେନା ପୁରୀ ଖଣି ବିଭାଗର ସହକାରୀ ଖଣି ଅଧିକାରୀ ବିଶ୍ୱଜିତ୍ ବେହେରାଙ୍କୁ ଜବତ ବାଲିର ପରିମାଣ ଏବଂ ମୂଲ୍ୟ ନିର୍ଦ୍ଧାରଣ କରି ଏହାର ନିଲାମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀଙ୍କୁ ବାଲି ଜଗିବା ଦାୟିତ୍ୱ ଦେଇଛନ୍ତି। ତେବେ ଏହି ବାଲି ଗଦା ଜବତ ହେବା ପରେ ଅନ୍ୟ ବାଲି ମାଫିଆମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଯଦି ପ୍ରଶାସନ ଏଭଳି ଭାବରେ ବିଭିନ୍ନ ବାଲିଘାଟ ଉପରେ ଚଢ଼ଉ କରି ବାଲି ଚୋରା ଚାଲାଣ ଉପରେ ରୋକ୍ ଲଗାଇବା ସହିତ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଏ, ତେବେ ପିପିଲି ଅଞ୍ଚଳର ଦୟା ଏବଂ ଭାର୍ଗବୀରୁ ଚୋରା ବାଲି ଚାଲାଣ ଉପରେ ରୋକ୍ ଲାଗିପାରିବ ବୋଲି ଆଶା କରାଯାଇଛି।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର, ଖୋର୍ଦ୍ଧା
ଆବିର୍ଭାବ-୦୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ। ବାପା ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ, ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ। ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।

ଶୋକାକୁଳ

ଦିନ ୧୧ ଯାଏଁ ବିଭିନ୍ନ ଅଫିସ୍ ଚୌକି ଖାଲି

# ନୟାଗଡ଼ରେ ଚାକିରି, ଭୁବନେଶ୍ୱରରେ ରହଣି

ନୟାଗଡ଼,୧୮ ।୧(ସମିସ)



ରାଜଧାନୀ ଭୁବନେଶ୍ୱରରୁ ନୟାଗଡ଼ ଜିଲ୍ଲା ମାତ୍ର ୮୦ କିଲୋମିଟର ଦୂରରେ ଅବସ୍ଥିତ। ନୟାଗଡ଼କୁ ରେଳ ଏବଂ ସଡ଼କ ପଥରେ ଯିବାଆସିବା ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି। ଯାହାର ସୁଯୋଗ ନେଇ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡୁଛନ୍ତି। ଅନେକ ଅଧିକାରୀ ଓ କର୍ମଚାରୀ ଶନିବାର ଅପରାହ୍ଣରୁ କାର୍ଯ୍ୟାଳୟ ଛାଡୁଥିବା ବେଳେ ସୋମବାର ମଧ୍ୟାହ୍ନରେ ଯୋଗଦେଉଛନ୍ତି। ଏପରିକି କିଛି ବିଭାଗୀୟ ଅଧିକାରୀ ଦୈନିକ ରେଳସେବାର ସୁଯୋଗ ନେଇ ଭୁବନେଶ୍ୱରରୁ ନୟାଗଡ଼ ଯା'ଆସ କରି ଆସୁଛନ୍ତି। ଏ ନେଇ ସପ୍ତମ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନରେ କ୍ଷୋଭ ପ୍ରକାଶ ପରେ ତତ୍କାଳୀନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କର୍ମଚାରୀ ଛୁଟି ଦିନରେ ଜିଲ୍ଲା ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଥିଲେ। ୨୦୨୪ ଅଗଷ୍ଟ ୧୪ ତାରିଖ ଚିଠି ନଂ-୧୫୨୬ ଅନୁସାରେ ଏହି ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ଯେଉଁ ଅଧିକାରୀ ଛୁଟି ନେଉଛନ୍ତି ସେମାନେ ଜିଲ୍ଲାପାଳଙ୍କଠାରୁ ଅନୁମତି ଆଣି ଜିଲ୍ଲା ଛାଡ଼ିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିଭିନ୍ନ ବିଭାଗ ସଠିକ ଭାବେ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର କରି ଅଧିକାରୀ ଓ କର୍ମଚାରୀ ଜିଲ୍ଲା ଛାଡୁଥିବା ଦେଖାଯାଇଛି। ଅନେକ କାର୍ଯ୍ୟାଳୟରେ ଦିନ ୧୧ ପର୍ଯ୍ୟନ୍ତ ଚୌକି ଖାଲି ପଡୁଥିବା ବେଳେ କିଛି ଅଧିକାରୀ ଭୁବନେଶ୍ୱର ଯା'ଆସ ପାଇଁ ସରକାରୀ ଗାଡ଼ି ମଧ୍ୟ ବ୍ୟବହାର କରୁଛନ୍ତି।

## ନେବାଆଣିବାକୁ ରାଜଧାନୀ ଯାଉଛି ଗାଡ଼ି

୧୯୯୩ ମସିହାରେ ପ୍ରତିଷ୍ଠା ହୋଇଥିବା ନୟାଗଡ଼ ଜିଲ୍ଲା ବିକାଶ ଓ ଉନ୍ନତି ପାଇଁ ବ୍ୟାକୁଳ ଅବସ୍ଥାରେ ରହିଛି। ଜିଲ୍ଲାବାସୀଙ୍କୁ ସରକାରଙ୍କ ଯୋଜନା ପହଞ୍ଚାଇବା ପାଇଁ ବିଭାଗ ଅନୁଯାୟୀ କାର୍ଯ୍ୟାଳୟ ଖୋଲିଛି। ନୟାଗଡ଼ ଜିଲ୍ଲାରେ କାର୍ଯ୍ୟାଳୟ ରହୁଥିବା ବେଳେ ଅନେକ ଅଧିକାରୀ ଦୈନନ୍ଦିନ ଭୁବନେଶ୍ୱରରେ କାଳାତିପାତ କରୁଛନ୍ତି। ନିୟମ ଅନୁସାରେ, ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ସଦରମହକୁମାରେ ରହିବା ଆବଶ୍ୟକତା ରହିଛି। ମାତ୍ର ନୟାଗଡ଼ ଜିଲ୍ଲାରେ ଅନେକ ଅଧିକାରୀ ଓ କର୍ମଚାରୀ ପ୍ରତ୍ୟେକ ଶୁକ୍ରବାର କିମ୍ବା ଶନିବାର ଭୁବନେଶ୍ୱର ଯାଉଥିବା ବେଳେ ସୋମବାର ମଧ୍ୟାହ୍ନକୁ ଫେରୁଛନ୍ତି। ଅନେକ ଅଧିକାରୀ ଅଫିସ୍ ଗାଡ଼ି ନେଇ ପ୍ରତ୍ୟେକ ଦିନ ଭୁବନେଶ୍ୱର ଯା'ଆସ କରୁଛନ୍ତି। ସୋମବାର ସକାଳ ୮ଟାରୁ ଦିନ ୧ଟା ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥରେ ଅନେକ ସରକାରୀ ଗାଡ଼ି ଅଧିକାରୀଙ୍କୁ ଧରି ଫେରୁଥିବା ଦେଖିବାକୁ ମିଳୁଛି। ନୟାଗଡ଼ ସହରରେ କାର୍ଯ୍ୟରତ ଶତାଧିକ ସରକାରୀ କର୍ମଚାରୀ ନିୟମିତ ଅପରାହ୍ନ ସାଢ଼େ ୪ଟାରେ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନରେ ଯାଉଥିବା ବେଳେ ଭଦ୍ରକରୁ ଦଶପଲ୍ଲା ଆସୁଥିବା ଟ୍ରେନରେ ଫେରି ନୟାଗଡ଼ରେ ସାଢ଼େ ୧୧ଟା ୩୦ରେ ପହଞ୍ଚୁଛନ୍ତି। ପ୍ରତ୍ୟେକ ଦିନ ୧୧ଟା ୩୦ ବେଳକୁ ଅନେକ ବିଭାଗର ଗାଡ଼ି ଷ୍ଟେସନ ପାଖରେ ଦେଖିବାକୁ ମିଳୁଛି। ଜିଲ୍ଲାରେ କେତୋଟି ହାତଗଣତି କାର୍ଯ୍ୟାଳୟକୁ ବାଦ୍ ଦେଲେ ୯୦ ପ୍ରତିଶତ ବିଭାଗରେ ସରକାରୀ ଗାଡ଼ି ନାହିଁ। ପ୍ରତ୍ୟେକ ବିଭାଗ ଲିଜ୍ ସୂତ୍ରରେ ଗାଡ଼ି ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ମାସରେ ଏଥିପାଇଁ ଭଡ଼ା, ଡ୍ରାଇଭର ଦରମା ସହ ତେଲ ବାବଦ ଜିଲ୍ଲାର ବହୁ ଅର୍ଥ ବ୍ୟୟ କରାଯାଉଛି।

କେବଳ ଜିଲ୍ଲା ସଦରମହକୁମା ନୁହେଁ, ବ୍ଲକଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। ସରକାରୀ ଗାଡ଼ି ନେଇ ଅଧିକାରୀମାନେ ଛୁଟି କାଟିବାକୁ ଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ପ୍ରଶାସନିକ ଅଧିକାରୀମାନେ ନିଜେ ଏଭଳି କାର୍ଯ୍ୟ କରୁଥିବାରୁ କର୍ମଚାରୀମାନେ ମଧ୍ୟ ଏହାକୁ ଭୃକ୍ଷେପ କରୁନାହାନ୍ତି। ଲାଇନ୍ ବିଭାଗର ଅନେକ ଅଧିକାରୀ ସପ୍ତାହକୁ ଦିନେ କିମ୍ବା ଦୁଇଦିନ ନୟାଗଡ଼ ଆସୁଥିବା ବେଳେ ବିଭିନ୍ନ କାମ ବାହାନା ଦେଖାଇ ଭୁବନେଶ୍ୱରରେ ରହୁଛନ୍ତି। ଏହା ଦ୍ୱାରା ବିଭାଗୀୟ କାର୍ଯ୍ୟରେ ଅନେକ ମନ୍ଥରତା ସୃଷ୍ଟି ହେଉଥିବା ବେଳେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ମଧ୍ୟ ନିୟମିତ ନୟାଗଡ଼ରେ ରହୁ ନ ଥିବା ନେଇ ବାରମ୍ବାର କାଉନସିଲର ଓ ଜନସାଧାରଣ ଅଭିଯୋଗ କରି ଆସୁଛନ୍ତି। ଜିଲ୍ଲାପାଳ ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

● ହାଇୱା ଧକ୍କାରେ ଜଣେ ମୃତ

## ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ



ନୟାଗଡ଼,୧୮ ।୧(ସମିସ): ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ହାଟଦ୍ୱାର ନିକଟରେ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହାଟଦ୍ୱାର ଗ୍ରାମର ଗୋବିନ୍ଦ ନାୟକ। ଦୁର୍ଘଟଣା ପରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଗୋବିନ୍ଦ ଗାଁ ରାସ୍ତା କଡ଼ରେ ବସିଥିବା ବେଳେ ଏକ ହାଇୱା ଦ୍ରୁତଗତିରେ ଆସି ତାଙ୍କୁ ମଡ଼ାଇ ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଡ୍ରାଇଭର ଫୋନରେ କଥାହୋଇ ଦ୍ରୁତଗତିରେ ଗାଡ଼ି ଚଳାଉଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ପରେ ଲୋକ ରାଜପଥ ଅବରୋଧ କରିଥିଲେ। ଫଳରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ଡ୍ରାଇଭରକୁ ଗ୍ରାମବାସୀ ଅଟକ ରଖି ପୁଲିସ ଜିମା ଦେଇଛନ୍ତି। ପୁଲିସ ଲୋକଙ୍କୁ ବୁଝାସୁଝା କରିଥିଲା। ଗୋବିନ୍ଦଙ୍କ ଦୁଇ ପୁଅଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ସେ ଶ୍ରମିକ ଭାବେ କାମକରି ଦୁଇ ବୋହୂ ଏବଂ ସେମାନଙ୍କ ପିଲାମାନଙ୍କୁ ଚଳାଉଥିଲେ। ଏହି ଗରିବ ପରିବାରକୁ ସହାୟତା ପାଇଁ ଲୋକେ ଦାବି କରିଥିଲେ।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଗଣିଆ,୧୮ ।୧(ସମିସ): ଗଣିଆ ବ୍ଲକ ଆଡ଼କଟାସ୍ଥିତ ବନମାଳୀ ବାରିକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବନମାଳୀ ବାରିକୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଗୋଲେଖ ନାୟକ ମୁଖ୍ୟଅତିଥି, ଶତପୁଡିନ ଅହମ୍ମଦ ମୁଖ୍ୟବକ୍ତା, ଇଟାମାଟି କଲେଜର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଦଶପଲ୍ଲା ବିଏସ କଲେଜର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ, ଭିକାରୀ ଚରଣ ସ୍ୱାଇଁ, ସରୋଜ କୁମାର ରଥ, ରୀନାବାଳା ସାହୁ, ପରିଚାଳନା କମିଟି ସଭାପତି କାଶିନାଥ ବାରିକି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିଙ୍କୁ ମହାବିଦ୍ୟାଳୟ ତରଫରୁ ଆଡ଼କଟା ଛକରୁ ବାଜା ବଜାଇ ବିଶାଳ ଶୋଭାଯାତ୍ରାରେ କଲେଜ ପରିସରକୁ ନିଆଯାଇଥିଲା। ସେଠାରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ମହାବିଦ୍ୟାଳୟ ସମ୍ପର୍କରେ ନିଜ ଆଭିମୁଖ୍ୟ ପ୍ରକାଶ କରିଥିଲେ। ପ୍ରଥମେ କଳା ବିଭାଗ ଓ ପରେ ବିଜ୍ଞାନ ବିଭାଗ ଖୋଲି ଖୁବ୍ କମ୍ ସମୟ ମଧ୍ୟରେ ଏହି ମହାବିଦ୍ୟାଳୟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିବାରୁ ଅଧ୍ୟକ୍ଷଙ୍କୁ ଅତିଥିମାନେ କୃତଜ୍ଞତା ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଶରଣକୁଳ,୧୮ ।୧(ସମିସ): ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ପାଞ୍ଚଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଶରଣକୁଳ ଶୈବ ସେବାୟତ ସଂଘ ପକ୍ଷରୁ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ଏହି ମହାଯଜ୍ଞ ପ୍ରତିବର୍ଷ ପରି ଚଳିତ ମାଘମାସ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇ ମାଘମାସ ଶୁକ୍ଳ ଅମାବାସ୍ୟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ୧୦୮ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳୁ ଭକ୍ତମାନେ ନିକଟସ୍ଥ କୁସୁମୀ ନଦୀରେ ସ୍ନାନ କରି ୧୦୮ ଜଳପୂର୍ଣ୍ଣ କଳସ ମୁଣ୍ଡରେ ଧରି ପଟୁଆରରେ ଆସି ମନ୍ଦିର ବେଢ଼ା ପରିକ୍ରମା ପରେ ଯଜ୍ଞ ପୀଠରେ ପହଞ୍ଚିଥିଲେ। ସେଠାରେ ନିମନ୍ତ୍ରିତ ବୈଦିକ ବ୍ରାହ୍ମଣଙ୍କ ବେଦଧ୍ୱନିରେ ଚତୁର୍ଦିଗ ପ୍ରକମ୍ପିତ ହୋଇଥିଲା। ଯଜ୍ଞପୀଠରେ ଘଟ ସ୍ଥାପନା କରାଯିବା ସହ ଲଡୁବାବାଙ୍କ ଆଜ୍ଞାମାଳ ଅଣାଯାଇ ଯଜ୍ଞାରମ୍ଭ କରାଯାଇଥିଲା। ରବିବାର ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୫ ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିବା ବେଳେ ମନୋରଞ୍ଜନ ପାଇଁ ଯାତ୍ରାପାର୍ଟି ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ପରିଚ୍ଛା ତୋଷବନ୍ତ କର, ପୂଜାପଣ୍ଡା ହରମୋହନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଇନ୍ଦିପଟାକୁ ହରାଇ କରଡ଼ାପଡ଼ା ଚାମ୍ପିଅନ

ଗଣିଆ,୧୮ ।୧(ସମିସ): ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଡଙ୍କାରିସାହି ମା' ଦକ୍ଷିଣକାଳୀ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କରଡ଼ାପଡ଼ା ଏବଂ ଇନ୍ଦିପଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଡ଼ାପଡ଼ା ଦଳ ଗଣିଆ ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଡଙ୍କାରୀସାହି ଗ୍ରାମ୍ୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ପଣ୍ଡାଙ୍କ ସମେତ ବଳରାମ ବେହେରା, ପ୍ରକାଶ ବେହେରା, ଦୀନେଶ ଶାସନୀ ଯୋଗଦେଇଥିଲେ।



୬୪ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। କରଡ଼ାପଡ଼ା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ ୱିକେଟ ହରାଇ ୨୩୮ ରନ୍ କରିଥିଲା। ଜବାବରେ ଇନ୍ଦିପଟା ଦଳ ନିର୍ଦ୍ଧାରିତ ଓଭରରେ ୧୭୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ମୁଖ୍ୟଅତିଥି ଭାବେ ମୁଖ୍ୟଅତିଥି ଚାମ୍ପିଅନ କରଡ଼ାପଡ଼ା ଦଳକୁ ନଗଦ ୫୦୦୧ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଇନ୍ଦିପଟା ଦଳକୁ ୩୦୦୧ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କରଡ଼ାପଡ଼ା ଦଳର ମାନସ ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ ବିଷ୍ଣୁ ମ୍ୟାନ୍ ଅଫ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ।

## କବିସୂର୍ଯ୍ୟ ପାଠାଗାର ସୁବର୍ଣ୍ଣ ଜୟନ୍ତୀ ସମାରୋହ



କଣ୍ଟିଲୋ,୧୮ ।୧(ସମିସ): ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ରାମଚଣ୍ଡୀ ସାହିସ୍ଥିତ କବିସୂର୍ଯ୍ୟ ପାଠାଗାରର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଛି। ୨ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ପାଠାଗାର ପ୍ରତିଷ୍ଠାତା ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ବିରଞ୍ଚି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ଭାବେ ଡ. ନିରୋଦ ମନ୍ତ୍ରୀ, ସମ୍ମାନିତ ଅତିଥି ରୂପେ ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଏଡିଏମ ବିଜୟାନନ୍ଦ ନାୟକ, ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସମାଜସେବୀ ସୁରଥ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ, ସରପଞ୍ଚ ପ୍ରତିମା ପ୍ରଧାନ, ପ୍ରତିଷ୍ଠାତା ସଦସ୍ୟ ସୂର୍ଯ୍ୟମଣି ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ୭୦ ଦଶକରେ ଏକ ପାଠାଗାର ପ୍ରତିଷ୍ଠା କରି ଗ୍ରାମକୁ ଗୌରାବାନ୍ୱିତ କରିଥିବା ବ୍ୟକ୍ତିଙ୍କ ଚେତନାକୁ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ। ୫୦ ବର୍ଷ ଧରି ସେବା କାର୍ଯ୍ୟକ୍ରମ ଜାରି ରଖିଥିବା ପାଠାଗାରକୁ ଆଗେଇ ନେଇଥିବା ତଥା ସାଂସ୍କୃତିକ ଭାବଧାରାକୁ ଉଜ୍ଜୀବିତ କରିଥିବାରୁ ପାଠାଗାର ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ପାଠାଗାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହୁରୁକ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ସିଦ୍ଧାର୍ଥ କୁମାର ମହାପାତ୍ର ସଭା ସଂଯୋଜନା କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ପାଠାଗାର ପରିସରରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ସ୍ୱର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସୂର୍ଯ୍ୟପ୍ରଭା' ଉନ୍ମୋଚନ ହୋଇଥିଲା। ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ଗ୍ରାମର ଧ୍ରୁବଚରଣ ପ୍ରଧାନ, ନରସିଂହ ବେହେରାଙ୍କୁ ପାଠାଗାର ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ ସହିତ ଗ୍ରାମ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ତହସିଲ ଟାଇଗରକୁ ହରାଇ ଓଡ଼ଗାଁ ଗୋଲ୍ଡ ଚାମ୍ପିଅନ



ଓଡ଼ଗାଁ,୧୮ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ତହସିଲ ଟାଇଗରକୁ ହରାଇ ଓଡ଼ଗାଁ ଗୋଲ୍ଡ ଚାମ୍ପିଅନ ହୋଇଛି। ପଡ଼ିଆରେ ବନ୍ଧୁତାର ଶ୍ରେଷ୍ଠ ନିଦର୍ଶନ ସୃଷ୍ଟି କରି ଚାମ୍ପିଅନ ଓଡ଼ଗାଁ ଗୋଲ୍ଡର ଅଧିନାୟକ ଦିବାକର ନାୟକ ରନର୍ସଅପ ଦଳର ଅଧିନାୟକ ମାନସଙ୍କୁ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ ତହସିଲ ଟାଇଗର ଅଧିନାୟକ ମାନସ ରଞ୍ଜନ ଭୋଇ ଚାମ୍ପିଅନ ଦଳର ଅଧିନାୟକ ଦିବାକରଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ଚାମ୍ପିଅନ ଦଳର ଉମାକାନ୍ତ ଦାସ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଏବଂ ରନର୍ସଅପ ଦଳର ମାନସ ରଞ୍ଜନ ଭୋଇଙ୍କୁ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

ଓଡ଼ଗାଁ ଗୋଲ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ଉମାକାନ୍ତଙ୍କ ବ୍ୟକ୍ତିଗତ ୭୮ ରନ୍ ଓ ମାନସ ସାହୁଙ୍କ ବ୍ୟକ୍ତିଗତ ୬୪ ରନ ସହାୟତାରେ ୨୩୪ ରନର ବିଶାଳ ସ୍କୋର ଠିଆ କରିଥିଲା। ୨୩୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ତହସିଲ ଟାଇଗର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୧୩ ରନରେ ସୀମିତ ରହିଥିଲା। ଓଡ଼ଗାଁ ଗୋଲ୍ଡ ୨୧ ରନରେ ବିଜୟୀ ହୋଇଛି। ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ସତ୍ୟନାରାୟଣ ବାରିକ ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଇଂ ଜନ୍ମେଜୟ ଦାଶ, ବିଶ୍ୱଜିତ ମହାପାତ୍ର, ପ୍ରଫୁଲ୍ଲ ମାଝି ଏବଂ ଉମାକାନ୍ତ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ମାନସ, ସନ୍ତୋଷ, ପ୍ରଭାକର ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ଦଶପଲ୍ଲା କପ୍ ଫୁଟବଲ; କଶ୍ମୀର ଚାମ୍ପିଅନ



ଦଶପଲ୍ଲା,୧୮ ।୧(ସମିସ): ସ୍ପୋଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ତମ ମର୍ଯ୍ୟାଦାଜନକ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଏସଟିଏଫସି କଶ୍ମୀର ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ବିହାରକୁ ୨-୦ ଗୋଲରେ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି। ରେଫରୀ ରାଜକିଶୋର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ଓ ଫୋର୍ଥ ଅଫିସିଆଲ୍ ଭାବେ ଅଶୋକ ପ୍ରଧାନ ସହଯୋଗ କରିଥିଲେ। ଅନୁଷ୍ଠାନ ସଭାପତି ଦିଲୀପ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ବେହେରା ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଭବାନୀ ପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ରଖିଥିଲେ। ବରିଷ୍ଠ କ୍ରୀଡ଼ାବିତ ତ୍ରିନାଥ ସାହୁ ଓ ସ୍ତମ୍ଭକାର ହାଡ଼ିବନ୍ଧୁ ମହାକୁଡ଼ ମଞ୍ଚ ସଂଯୋଜନା କରିଥିଲେ।

## ମହିଳାଙ୍କ ଚୁଡ଼ି ଦୋକାନକୁ ଠକେଇ ଗ୍ୟାଙ୍ଗର ଟାର୍ଗେଟ

ଓଡ଼ଗାଁ,୧୮ ।୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲାସ୍ଥିତ ମା' ଲକ୍ଷ୍ମୀ ଭେରାଇଟି ଷ୍ଟୋରରେ କମ୍ ଦାମରେ ସାମଗ୍ରୀ ପ୍ରଦାନ କରିବା ପାଇଁ ଠକଦଳ ନାଟକ କରି ୭୬ ହଜାର ଟଙ୍କା ଲୁଟିନେବା ଘଟଣାର ପ୍ରାୟ ୧୦ ଦିନ ପୂର୍ବରୁ ମାଛିପଡ଼ା ବଜାର ଲକ୍ଷ୍ମୀ ଚୁଡ଼ି ଦୋକାନରୁ ମଧ୍ୟ ଅନୁରୂପ ଭାବେ ଏକ ନାଲି ରଙ୍ଗର କାରରେ ପହଞ୍ଚି ଠକଦଳ ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଠକଦଳଙ୍କ ଚେର ନୟାଗଡ଼ରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିବା ସୂଚନା ମିଳିଛି। କେବଳ ମହିଳାଙ୍କ ଚୁଡ଼ି ଦୋକାନ ଉପରେ ଠକ ଗ୍ୟାଙ୍ଗ ଟାର୍ଗେଟ କରୁଛି। ମହିଳାଙ୍କୁ ଖୁବ୍ କମ୍ ଦାମରେ ସାମଗ୍ରୀ ପ୍ରଦାନ ଲୋଭ ଦେଖାଇ ଠକେଇ କରାଯାଉଛି। କୌଣସି ମତେ ସେମାନଙ୍କୁ ମନାଇ ସାମଗ୍ରୀ ପ୍ରଦାନ କରି ଟଙ୍କା ନେଇ ଚାଲିଯିବା ପରେ ମହିଳାମାନେ ପ୍ୟାକେଟ୍ ଖୋଲି ଦେଖିଲା ବେଳକୁ ମୂଲ୍ୟଠାରୁ ଢେର କମ୍ ଟଙ୍କାର ସାମଗ୍ରୀ ରହିଥିବା ଦେଖାଯାଉଛି। ଠକଦଳଙ୍କ କାର ରେଜିଷ୍ଟ୍ରେସନ ନମ୍ବର ଚେକ୍ କରି ସେଥିରୁ ମିଳିଥିବା ୯୮୭୩୪୮୦୫୭୩ ମୋବାଇଲ୍ ନମ୍ବର୍ ଯାଞ୍ଚ ବେଳେ ମାଣ୍ଡୋଲି ନନ୍ଦନଗରୀ ନୂଆଦିଲ୍ଲୀ, ବ୍ୟାଙ୍କ ଅଫ ବରୋଦା ଶାଖାରେ ଗୁଲାମ ଆସରଫ ନାମରେ ଏକ ଜମାଖାତା ରହିଥିବା ଜଣାଯାଇଛି। ଏଥିସହ ଉତ୍ତରପ୍ରଦେଶ ହାଜିପୁର ଲୋନି, ଘର ନମ୍ବର ଡି୯/୧୬୭ର ଠିକଣା ରହିଛି। ନୟାଗଡ଼ ପୁଲିସ୍ ପ୍ରଶାସନ ଦ୍ୱାରା ଏନେଇ ସ୍ୱତନ୍ତ୍ର ଅନୁସନ୍ଧାନ କରାଗଲେ ଠକ ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇପାରିବ।

ନୟାଗଡ଼ରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଛି ଚେର

ବାହାଡ଼ାଝୋଲା ମେଡିକାଲ ସାମନା ସାପ୍ତାହିକ ହାଟର ପ୍ରମୁଖ ସ୍ଥଳରେ ଥିବା ମା' ଲକ୍ଷ୍ମୀ ଭେରାଇଟି ଷ୍ଟୋର ସାମନାରେ ଡିସେମ୍ବର ୨୦ ତାରିଖ ଅପରାହ୍ନରେ ୟୁପି୧୪-ଜିଡି୨୬୬୭ ନମ୍ବର ବିଶିଷ୍ଟ ୱାଗନର କାର ଅଟକିଲା। କାରରୁ ୨ ଜଣ ବ୍ୟକ୍ତି ବାହାରି ସିଧା ଲକ୍ଷ୍ମୀ ଭେରାଇଟି ଷ୍ଟୋରକୁ ଯାଇଥିଲେ। ସ୍ଥାନୀୟ ସରୋଜ ସାହୁଙ୍କ ସ୍ତ୍ରୀ ମମତା ସାହୁ ଦୋକାନ କାଉଣ୍ଟରରେ ବସିଥାନ୍ତି। ବୌଦ୍ଧରେ ଆମେ ମୀନବଜାର ପକାଇଥିଲୁ। ବଳକା ଜିନିଷଗୁଡ଼ିକୁ ଅଧା ମୂଲ୍ୟରେ ଦେଇ ଆମେ ଚାଲିଯିବୁ ବୋଲି କହି କାରରୁ ଭ୍ୟାନିଟି, ଚୁଡ଼ି, ନେକଲେସ୍, ହାତ ଓ ଗୋଡ଼ ମୁଦି ଏପରି ୮ ପ୍ରକାରର ସାମଗ୍ରୀ ମମତାଙ୍କୁ ଦେଖାଇଥିଲେ। ମମତା ସାମଗ୍ରୀଗୁଡ଼ିକୁ ଦେଖି ରଖିବାର ସୂଚନା ପାଇବା ପରେ ଠକଦ୍ୱୟ ତାଙ୍କୁ ଆଉ ଭାବିବାକୁ ସମୟ ଦେଇ ନ ଥିଲେ। ଆଣିଥିବା ସମସ୍ତ ସାମଗ୍ରୀ ପ୍ୟାକେଟ୍‌ଗୁଡ଼ିକ ଦେଇ ହିସାବ ଅନୁସାରେ ୭୬ ହଜାର ଟଙ୍କା ମାଗିଥିଲେ। ପାଖରେ ହଠାତ୍ ଏତେ ଟଙ୍କା ନ ଥିବାରୁ ସ୍ଥାନୀୟ ବ୍ୟାଙ୍କରେ ସୁନା ବନ୍ଧା ରଖି ସେମାନଙ୍କୁ ଟଙ୍କା ଦେବା ପରେ ଠକମାନେ ସଙ୍ଗେ ସଙ୍ଗେ ସେଠାରୁ ଚାଲିଯାଇଥିଲେ। ମମତା ଜିନିଷ ଦେଖି ହିସାବ ଭୁଲ କରିଥିବା ନେଇ ସଙ୍ଗେ ସଙ୍ଗେ ସେମାନଙ୍କୁ ଫୋନ କରିଥିଲେ। ଉତ୍ତରରେ ଆମେ ବହୁ ଆଗକୁ ଆସିଗଲୁଣି ଯାଉଛୁ ବୋଲି କହିଥିଲେ। ହେଲେ ଅପେକ୍ଷା ନ କରି ମମତାଙ୍କ ସ୍ୱାମୀ ସରୋଜ ସ୍କୁଟି ଧରି କାର ପଛରେ ଗୋଡ଼େଇଥିଲେ ମଧ୍ୟ କାରର ଅତାପତା ପାଇ ନ ଥିଲେ। ସଙ୍ଗେ ସଙ୍ଗେ ଠକଙ୍କ କାର ସମ୍ପର୍କରେ ପୁଲିସକୁ ସୂଚନା ଦିଆଯାଇଥିଲା। ହେଲେ ଆଉ କୌଣସି ଲାଭ ହୋଇ ନ ଥିଲା। ଏହି ଠକ ଗ୍ୟାଙ୍ଗ ସମ୍ପର୍କରେ ଖୋଳତାଡ଼ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

